Vol VIII Issue No.128 Wednesday, 09 May 2007

Home | About Us | Advertise | Archives | Contact Us | Horoscope | Classifieds | Useful Information




previous || next

# ଓଡ଼ିଶାର ଆଇ.ଆଇ.ଟି. ସ୍ୱପ୍ନ କେନ୍ଦ୍ର ଭାଙ୍ଗିଦେଲା

Click to enlarge text: A A A A

ଭୁବନେଶ୍ୱରରେ ଥିବା ଖଡଗପୁର ଆଇଆଇଟିର କ୍ୟାମ୍ପସକୁ ସଂପ୍ରସାରଣ କରିବା ଉପରେ କେନ୍ଦ୍ର ସରକାରଙ୍କ ଧ୍ୟାନ ଆକର୍ଷଣ କରିଥିଲେ । ତ୍ରିପାଠୀ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଓଡ଼ିଶାରେ ଏକ ଆଇଆଇଟି ସ୍ଥାପନ କରିବାକୁ ଦାବି କରିଥିଲେ ଏବଂ କେଉଁ ପରିସ୍ଥିତିରେ କେନ୍ଦ୍ର ସରକାର ଆନ୍ଧ୍ର ପ୍ରଦେଶକୁ ଏହା ସ୍ଥାନାନ୍ତରିତ କରିବାକୁ ନିଷ୍ପତ୍ତି ନେଇଥିଲେ ସେଥିନେଇ ସ୍ପଷ୍ଟୀକରଣ ଚାହିଁଥିଲେ ।

ଆଲୋଚନାରେ ଅଂଶଗ୍ରହଣ କରି ବିଜେଡି ଏମ୍.ପି. ଭର୍ତ୍ତୃହରି ମହତାବ ଓ ପ୍ରସନ୍ନ ଆଚାର୍ଯ୍ୟ ଏବଂ ଭାଜପା ଏମ୍.ପି. ଧର୍ମେନ୍ଦ୍ର ପ୍ରଧାନ ଓ ଖାରବେଳ ସ୍ୱାଇଁ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ । ଆଚାର୍ଯ୍ୟ କହିଥିଲେ ଯେ, କଂଗ୍ରେସ ଦଳ କିମ୍ବା କଂଗ୍ରେସ ନେତୃତ୍ୱାଧୀନ ମେଂଟ ଯେତେବେଳେ କେନ୍ଦ୍ରରେ ସରକାର ଗଠନ କରିଛି ସେତେବେଳେ ଓଡ଼ିଶା ପ୍ରତି ଅନ୍ୟାୟ ହୋଇଛି । ସେ କହିଥିଲେ ଯେ, ଉପା ସରକାର ରାଜନୀତି ନ କରି ଓଡ଼ିଶାରେ ଏକ ଆଇଆଇଟି ସ୍ଥାପନ କରନ୍ତୁ । ନଚେତ୍ ଓଡ଼ିଶାରେ ଏଥିନେଇ ଗଭୀର ଆଲୋଡନ ସୃଷ୍ଟି ହେବ । ରାଜ୍ୟର ଛାତ୍ର, ଶିକ୍ଷକ ଓ ବୁଦ୍ଧିଜୀବୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଧମକ ଦେଇ ସାରିଛନ୍ତି । ଯଦି ସରକାର ତାଙ୍କର ନିଷ୍ପତ୍ତିକୁ ନ ବଦଳାନ୍ତି ତା'ହେଲେ ଏହାର ଫଳ ଭୟାନକ ହେବ । ଭାଜପା ଏମ୍.ପି. ଧର୍ମେନ୍ଦ୍ର ପ୍ରଧାନ ଓ ଖାରବେଳ ସ୍ୱାଇଁ ସରକାରଙ୍କୁ ସ୍ପଷ୍ଟୀକରଣ ଦେବା ପାଇଁ ଦାବି କରିଥିଲେ । ବୁର୍ଲା ଇଞ୍ଜିନିୟରିଂ କଲେଜକୁ ଏକ ଆଇଆଇଟିର ମାନ୍ୟତା ଦେବା ଲାଗି ସ୍ୱାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମାନବ ସମ୍ବଳ ରାଷ୍ଟ୍ରମନ୍ତ୍ରୀ ଏମ୍.ଏ. ଫାତମୀ ଗୃହରେ ଉପସ୍ଥିତ ଥିବାରୁ ସେ ଗତ ଅଗଷ୍ଟ ୨୮ତାରିଖରେ ଓଡ଼ିଶାରେ ଏକ ଆଇଆଇଟି ସ୍ଥାପିତ ହେବ ବୋଲି କହିଥିଲେ କି ନାହିଁ ତାହା ସ୍ପଷ୍ଟ କରନ୍ତୁ ବୋଲି ପ୍ରଧାନ ଦାବି କରିଥିଲେ ।

previous || next

**New York Times Newspaper**
denver - Get Home Delivery for as little as $3.15 per week!
www.nytimes.com

**Unlimited Calls To India**
Just $34.95 p.m. India/US/Canada First Month Free. Sign up now!
www.mpingi.com

**Own a house in India**
Home loans upto 5 crores for NRI's. Only with Citibank. Apply now!
www.CitiNri.com

©2004 Dharitri All Rights Reserved.
Send all feedback / comments to **webmail@dharitri.com**.
Advertisement inquiries contact **advt@dharitri.com**.